# ବିପର୍ଯ୍ୟସ୍ତ ରାଜପଥରେ ପିଚୁ ପଡ଼ିଲାନି

**ବଇଣ୍ଡା, ୨୩ା୯(ଡି.ଏନ.ଏ.)**



ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଜାମୁନାଳୀରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ କଦର୍ଯ୍ୟ ହୋଇପଡିଥିବା ରାସ୍ତା ମରାମତି କରୁନି ଠିକାସଂସ୍ଥା। ଯାତାୟାତରେ ବ୍ୟାପକ ଅସୁବିଧା ଯୋଗୁ ଶୋଚନୀୟ ହୋଇପଡିଥିବା ଏହି ରାସ୍ତାର ମରାମତି ପାଇଁ ଦାବି ହେଉଥିଲେ ହେଁ ଠିକାସଂସ୍ଥା ମନମୁଖି କାମ କରୁଥିବା ଅଭିଯୋଗ ହୋଇଛି। ଏପରିକି ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମକୁ ତୁରନ୍ତ ଶେଷ କରିବାକୁ ପ୍ରଶାସନ, ଆଠମଲ୍ଲିକ ବିଧାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲେ ବି ଏହାକୁ ମଧ ଠିକାସଂସ୍ଥା ମାନି ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜପଥକୁ ୪ ଲେନ୍ କରାଯାଉଥିବାବେଳେ ଏବେ ସୁଦ୍ଧା ମାତ୍ର ୪୦ ପ୍ରତିଶତ କାମ ସରିଛି। ବାକି କାମ ବହୁ ବିଳମ୍ବରେ ନିର୍ମାଣ କରାଯାଉଛି। ଜାମୁନାଳୀରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ଯିବାଆସିବା କରୁଛନ୍ତି। ସେହିରାସ୍ତା ମରାମତି କିମ୍ବା ଅସ୍ଥାୟୀ ରାସ୍ତା ମଧ ନିର୍ମାଣ କରାଯାଉ ନାହିଁ। ଗତ ଅଗଷ୍ଟ ୧୮ରେ ଏ ନେଇ ବଇଣ୍ଡା ନାଗରିକ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ ପରେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ପ୍ରଶାସନ ଏବଂ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ଠିକାସଂସ୍ଥା ପଦାଧିକାରୀଙ୍କୁ ନେଇ ଅଗଷ୍ଟ ୨୪ରେ ଏକ ବୈଠକ ବସିଥିଲା। ୧୫ ଦିନ ମଧରେ କଦର୍ଯ୍ୟ ରାସ୍ତାରେ ପିଚୁ ପକାଯିବା, ବିଭିନ୍ନ ବସ୍ ଷ୍ଟପେଜରେ ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ, ଜାମୁନାଳୀରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ହେଲେ ଠିକାସଂସ୍ଥା କେବଳ ଜାମୁନାଳୀ, ଲୁହାମୁଣ୍ଡାଠାରେ ଅସ୍ଥାୟୀ ବିଶ୍ରାମାଗାର ସହ ବଇଣ୍ଡାର କିଛି ସ୍ଥାନରେ ରାସ୍ତାରେ ପ୍ୟାଚ ପକାଇ କାମ ସାରି ଦେଇଛି। ବଇଣ୍ଡା କଲେଜଠାରୁ ଡେବେରାପାଲି, ହଣ୍ଡପା ବଜାରରୁ ବଇଶିଣା, ରାଣୀଭୂଇଁଠାରୁ ନୂଆଭୂଇଁ, ଆମ୍ବପାଳଠାରୁ ଶୁଶବ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇଥିଲେ ବି ତାହାକୁ ମରାମତି କରାଯାଇନାହିଁ। ବୈଠକରେ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ମାସେ ପୂରିଥିଲେ ବି ଠିକାସଂସ୍ଥା ରାସ୍ତା କାମ କରି ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ବଇଣ୍ଡା ନାଗରିକ ମଞ୍ଚ ଚେତାବନୀ ଦେଇଛି। ଏ ନେଇ ଠିକାସଂସ୍ଥା ପରିଚାଳକ ଗେଲି ଡେବେରା ପଦ୍ମନାଭମଙ୍କୁ ପଚାରିବାରେ ରାସ୍ତା ମରାମତି ହେଉଛି ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କୁହନ୍ତି, ଠିକାସଂସ୍ଥାକୁ ପୁଣିଥରେ ଡକାଯାଇ ମରାମତି ସମ୍ପର୍କରେ ବୈଠକ କରାଯିବ।

- ୧୫ ଦିନ ସରି ମାସେ ପୂରିଲା
- ମରାମତି କଲାନି ଠିକାସଂସ୍ଥା
- ବିଧାୟକଙ୍କ ନିର୍ଦ୍ଦେଶ ବି ମାନିଲେନି



"ଶୋଚନୀୟ ରାସ୍ତାରେ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ବିଶେଷ କରି ବଇଣ୍ଡା କଲେଜଠାରୁ ଲୁହମୁଣ୍ଡା ପର୍ଯ୍ୟନ୍ତ ରାସ୍ତା କଦର୍ଯ୍ୟ ହୋଇପଡିଛି। ବାଇକ୍ ଆରୋହୀମାନେ ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଠିକାସଂସ୍ଥା ମନମୁଖୀ କାମ କରୁଥିବାରୁ ସମସ୍ୟା ବଢୁଛି।
**-ଦୁଃଶାସନ ବେହେରା, ଲୁହାମୁଣ୍ଡା**



"ମରାମତି ଅଭାବରୁ ୫୫ ନମ୍ବର ରାଜପଥ ମରଣଯନ୍ତା ପାଲଟିଛି। କାମ ତଦାରଖ କରାଯାଉ ନ ଥିବାରୁ ସମସ୍ୟା ସୁଧୁରୁନି ଏବଂ କାମ ବିଳମ୍ବ ହେଉଛି। ଏଥିପ୍ରତି ଦୃଷ୍ଟି ଦିଆଯାଉ।
**-ସମୀର ପ୍ରଧାନ, ଠେଲକନାଳୀ**



"କାମରେ ଠିକାସଂସ୍ଥା ଅବହେଳା କରୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ମରାମତି ପାଇଁ ଆସୁଥିବା ଅର୍ଥର ଠିକ୍ ବିନିଯୋଗ କରାଯାଉ ନାହିଁ। ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାବେଳେ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ।
**-ଅଜିତ ପଟ୍ଟନାୟକ, କଦଳୀମୁଣ୍ଡା**



"ରାଜପଥ ଶୋଚନୀୟ ହୋଇପଡିଥିବାରୁ ଏକ ବୈଠକ କରାଯାଇ ମରାମତି ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାସ୍ତା ମରାମତି ସମ୍ପର୍କରେ ଅନୁଧାନ କରିବା ପାଇଁ ଉପଜିଲାପାଳଙ୍କୁ କୁହାଯିବ। ଅଳ୍ପ କିଛି କାମ ହୋଇଥିବା ଠିକାସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।
**-ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଧାୟକ**

## ଧର୍ମାନନ୍ଦ ଜିଲା ଯୁବ ବିଜେଡି ସଭାପତି



**ଢେଙ୍କାନାଳ ଅଫିସ,୨୩ା୯**

ଢେଙ୍କାନାଳ ଜିଲାର ଯୁବ ବିଜେଡି ସଭାପତି ଭାବେ ଧର୍ମାନନ୍ଦ ପରିଡାଙ୍କୁ ନିଯୁକ୍ତି ମିଳିଛି । ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏଥିପୂର୍ବରୁ ମଧ ସେ ଜିଲା ଯୁବ ବିଜେଡି ସଭାପତି ଏବଂ କାମାକ୍ଷାନଗର ବିଜ୍ଞାପିତ ପରିଷଦ ଅଞ୍ଚଳର ଅଧକ୍ଷ ରହିଥିଲେ। ଧର୍ମାନନ୍ଦ ପରିଡାଙ୍କ ଘର କାମାକ୍ଷାନଗର ଅଞ୍ଚଳରେ। ଏଥିପାଇଁ ସେ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଛେଣ୍ଡିପଦା ବିଡିଓଙ୍କୁ କରୋନା

**ଛେଣ୍ଡିପଦା,୨୩ା୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବିଡିଓ ବିଶ୍ୱଜିତ ସାହୁ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଡିଓ ବୁଧବାର ମଧାହ୍ନରେ ସପରିବାର କରୋନା ଟେଷ୍ଟ କରାଇଥିବାବେଳେ ତାଙ୍କ ସମେତ ୪ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି। ତେବେ ଲକ୍ଷଣ ନ ଥିବାରୁ ସେ ନିଜ ସରକାରୀ ବାସଭବନରେ ସଙ୍ଗରୋଧରେ ରହିଛନ୍ତି। ଅପରାହ୍ନରେ ଅଗ୍ନିଶମ କର୍ମଚାରୀ ବ୍ଲକ କାର୍ଯ୍ୟାଳୟକୁ ବିଶୋଧନ କରିଛନ୍ତି।

### ବିଷ ପିଇ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୨୩ା୯:** କୋଲିୟରୀ ଥାନା ଡେରା ଗ୍ରାମର ଦୀପକ ନାଏକଙ୍କ ସ୍ତ୍ରୀ ସୁଜାଲି ପ୍ରଧାନ(୨୬) ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ଅନୁଗୋଳ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିବ ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ସୁଜାଲି ୭ ବର୍ଷ ତଳେ ଦୀପକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ବାପଘର ଲୋକେ ସୁଜାଲିଙ୍କ ସହ ସମ୍ପର୍କ ରଖି ନ ଥିଲେ। ଦୀପକ ମଦ୍ୟପାନ କରି ସୁଜାଲିଙ୍କୁ ନିର୍ଯାତନା ଦେବା ଏବଂ ଏହାକୁ ନେଇ ବିବାଦ ଲାଗି ରହିବା କାରଣରୁ ସେ ବିଷ ପିଇଦେଇଥିବା ପୋଲିସ କହିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହାଣ୍ଡିଧୁଆ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କଟକ ସ୍ଥାନାନ୍ତରବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଏକ ୫ ବର୍ଷର ସନ୍ତାନ ରହିଛି।

### ସାପ କାମୁଡ଼ାରେ ମହିଳା ମୃତ

**ଅନୁଗୋଳ ଅଫିସ, ୨୩ା୯:** ଅନୁଗୋଳ ଡାକ୍ତରଖାନାରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ଅଗସ୍ତି ମାହାରଙ୍କ ସ୍ତ୍ରୀ ଉଷା ମାହାର(୩୦)। ଜିଲା ମୁଖ୍ୟ ଚିକିତ୍ସାଳୟରୁ ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ରାତିରେ ଉଷାଙ୍କୁ ସାପ କାମୁଡ଼ିଦେବାରୁ ପରିବାର ଲୋକ ତାଙ୍କୁ ପ୍ରଥମେ ଗୁଣିଆ ପାଖକୁ ନେଇଥିଲେ। ସେଠାରୁ ଘରକୁ ଫେରିବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଛେଣ୍ଡିପଦା ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଆଠମଲ୍ଲିକ, ୨୩ା୯(ଡି.ଏନ.ଏ.):** ଆଠମଲ୍ଲିକ ପୋଲିସ ବୁଧବାର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ କାଠପେଣ୍ଠ ସାହିର ପରେଶ ମୁଣ୍ଡା (୨୦)। ନଂ.୧୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପରେଶ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିବାବେଳେ ଗତ ବର୍ଷ ବିବାହ କରିଥିଲେ। ତେବେ କିପରି ତାଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ। ସବ୍‌ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସାହୁ ଘଟଣାର ତଦନ୍ତ କରୁଛନ୍ତି।

### ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୨୩ା୯(ଡି.ଏନ.ଏ.):** ଠାକୁରଗଡ ଥାନା ପଥରଗୁମ୍ଫା ଗ୍ରାମର ମାଧବ ପ୍ରଧାନଙ୍କୁ ତାଙ୍କ ଭାଇ ଉଦ୍ଧବ ମିର୍ଦ୍ଧା ମଙ୍ଗଳବାର ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୭୦/୨୦ରେ ଏକ ମାମଲା ରୁଜୁ କରି ଉଦ୍ଧବଙ୍କୁ ଗିରଫ କରିଛି । ଉଭୟଙ୍କ ମଧରେ କୌଣସି କାରଣରୁ ବଚସା ହେବାରୁ ଉତ୍ତ୍ୟକ୍ତ ହୋଇ ଉଦ୍ଧବ ଟାଙ୍ଗିଆରେ ମାଧବଙ୍କୁ ଆକ୍ରମଣ କରିଥିବା ପୋଲିସ କହିଛି।

### ଭାଜପା ନେତାଙ୍କ ମନ୍ତବ୍ୟକୁ ବିଜେଡିର ନିନ୍ଦା

**ଢେଙ୍କାନାଳ ଅଫିସ,୨୩ା୯:** ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଅଭିଯୋଗରେ ସୋମବାର ଭାଜପା ଦଳର କାର୍ଯ୍ୟକର୍ତ୍ତା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସେହି ସମୟରେ ଭାଜପାର ଦୁଇ କାର୍ଯ୍ୟକର୍ତ୍ତା ଚିକିତ୍ସକଙ୍କ ସମେତ ବିଧାୟକ ଓ ଏମ୍‌ପିଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ବିଜେଡି ପ୍ରେସ ବିବୃତ୍ତି ଜରିଆରେ ନିନ୍ଦା କରିଛି। ଏଥିସହ କୋଭିଡ୍ ନିୟମକୁ ଭାଜପା କର୍ମୀ ଉଲ୍ଲଂଘନ କରି ଚିକିତ୍ସାଳୟ ପରିସରରେ ପ୍ରତିବାଦ କରିଥିଲେ ଜିଲା ଦାୟିତ୍ୱରେ ଥିବା ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ଟାଉନ ସଭାପତି ଇନ୍ଦ୍ରମଣି ବେହେରା, ଯୋଗେନ୍ଦ୍ର ନାଥ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ହର୍ଷବର୍ଦ୍ଧନ ସିଂହଦେଓ, ଦେବୀ ପ୍ରସାଦ ଭୁତିଆ, ସାଗରିକା ମିଶ୍ର ପ୍ରମୁଖ ଅଭିଯୋଗ ଆଣିଛନ୍ତି।

# ଆର୍‌ଆଇଙ୍କୁ ତାଲା ପକାଇ ଅଟକ

**ଛେଣ୍ଡିପଦା,୨୩ା୯(ସ୍ୱ.ପ୍ର.)**



ମହିଳାମାନେ ଆର୍‌ଆଇଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ କଣଲୋଇ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ବୁଧବାର ଶତାଧିକ ମହିଳା ଘେରାଉ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଜବରଦଖଲ ଉଚ୍ଛେଦ ଦାବି କରି ଉତ୍ତ୍ୟକ୍ତ ଲୋକେ ଏପରି କରିଥିବା ଜଣାପଡିଛି।

ମହିଳାଙ୍କ ଅଭିଯୋଗ ମୁତାବକ, କଣଲୋଇ ଗ୍ରାମବାସୀ ଶବଦାହ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆର୍‌ଆଇଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୁଇଟି ସରକାରୀ ପ୍ଲଟକୁ ବ୍ୟବହାର କରିଆସୁଛନ୍ତି। କିନ୍ତୁ ସେହି ଜମିର କିଛି ଅଂଶକୁ ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରିବା ସହ ଘର କରିଛନ୍ତି। ଫଳରେ ଶବଦାହବେଳେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ଏ ନେଇ ଗତ ଏପ୍ରିଲ ୨୨ରେ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ପରେ କଣଲୋଇ ରାଜସ୍ୱ ନିରୀକ୍ଷକଙ୍କୁ ସମାଧାନ କରିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ ୫ ମାସ ବିତିଯାଇଥିଲେ ମଧ ଜବରଦଖଲ ଉଚ୍ଛେଦ କରାଯାଇ ନ ଥିବା ଅଭିଯୋଗ କରି ଶତାଧିକ ମହିଳା ଆର୍‌ଆଇ କାଳୀଚରଣ ବେହେରାଙ୍କୁ ତାଲା ପକାଇ ଅଟକ ରଖିଥିଲେ। ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଓ ବାଗଡିଆ ଫାଣ୍ଡି ପୋଲିସ କର୍ମଚାରୀ ପହଞ୍ଚି ମହିଳାଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସରକାରୀ ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ କାର୍ଯ୍ୟାଳୟ ତାଲା ଖୋଲା ଯାଇଥିଲା।

# କରୋନାରେ ଆଉ ଜଣେ ମୃତ

**ଢେଙ୍କାନାଳ ଅଫିସ,୨୩ା୯**

- ଢେଙ୍କାନାଳରେ ୩ ହେଲା ମୃତ୍ୟୁ ସଂଖ୍ୟା
- ନୂଆ ୭୦ ଆକ୍ରାନ୍ତ ଚିହ୍ନଟ, ୧୭ ସୁସ୍ଥ

କରୋନାରେ ଆକ୍ରାନ୍ତ ହୋଇଥିବା ଢେଙ୍କାନାଳ ଜିଲାର ଆଉ ଜଣେ ୭୨ ବର୍ଷୀୟ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ସଦର ବ୍ଲକ ବଳଭଦ୍ରପୁର ଅଞ୍ଚଳରେ ହୋଇଥିବାବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ସମୟରେ ହିଁ ତାଙ୍କ କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ବାହାରିଥିଲା। ନିମୋନିଆ, ଶ୍ୱାସ ରୋଗ ସହ ଓ ଫୁସଫୁସ ସଂକ୍ରାନ୍ତ ରୋଗର ଶିକାର ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଷ୍ଟେଟ୍ ଡେଥ୍ ଅଡିଟ୍ ଟିମ୍ ଏହାକୁ କରୋନା ମୃତ୍ୟୁ ଭାବେ ଘୋଷଣା କରିଛନ୍ତି । ଏଥିପୂର୍ବରୁ ଜିଲାରେ ୨ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ମୋଟ ମୃତ୍ୟୁ ସଂଖ୍ୟାରେ ୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ବୁଧବାର ଜିଲାରୁ ଆଉ ୭୦ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ଢେଙ୍କାନାଳ ପୌରାଞ୍ଚଳରୁ ୧୫, ଗଁଦିଆ ବ୍ଲକର ୫, ସଦର ବ୍ଲକର ୨, କାମାକ୍ଷାନଗର ବ୍ଲକର ୪, ଏନ୍‌ଏସିର ୧, ଓଡାପଡା ବ୍ଲକର ୨୩, ଭୁବନ ବ୍ଲକର ୨ ଓ କଙ୍କଡାହାଡ ବ୍ଲକର ୩ ଜଣ ରହିଛନ୍ତି। ସେହିପରି କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ୧୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଓ ବିଭିନ୍ନ ବ୍ଲକର କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୨୪୫ରେ ପହଞ୍ଚିଛି। ସେହିପରି ଆଉ ୧୭ ଜଣଙ୍କୁ ମିଶାଇ ମୋଟ ୨୬୨୩ ଜଣ ସୁସ୍ଥ ହୋଇଛନ୍ତି ।

**CSIR-INSTITUTE OF MINERALS AND MATERIALS TECHNOLOGY**
**ACHARYA VIHAR, BHUBANESWAR-751013**

**Application for the positions of Project Staff**

**CSIR-Institute of Minerals and Materials Technology (CSIR-IMMT),** Bhubaneswar invites applications for about **08 nos.** of positions of Project Staff in its ongoing projects. The requirement covers: **B.Sc.** in Chemistry; **Diploma (3 years)** in Metallurgical Engg.; **M.Sc.** in Geology; **B.E. / B. Tech.** in Mechanical Engg. / Chemical / Metallurgical Engg. / Metallurgy / Mineral Engg. with or without Experience. **The positions are purely temporary and co-terminus with the tenure of projects.** Eligible candidates may please visit CSIR-IMMT website: **www.immt.res.in** for the details regarding application, essential qualifications, job requirement, experience, age, monthly emoluments and other terms and conditions.

**Last date of submission of application: 5th October 2020**

**Only short listed candidates will be intimated to be interview through online platform.**

*Advt. No. RDPD/P48/2020* *R&D PLANNING DEPT*

# ଅସହାୟତା ପ୍ରକାଶ କଲା ଠିକାସଂସ୍ଥା

**ଅନୁଗୋଳ ଅଫିସ, ୨୩ା୯**

- ସହର ସଫେଇ ନେଇ ପ୍ରଶାସନକୁ ଚିଠି
- ଜିଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ: ଇଓ

ଅନୁଗୋଳ ସହରର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ନୂତନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦୁଇ ଓଳା ସଫେଇ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରିସାରିଥିବାବେଳେ ଏହାକୁ ନେଇ ଅସହାୟତା ପ୍ରକାଶ କରିଛି ଠିକାସଂସ୍ଥା। ଏ ନେଇ ପ୍ରଶାସନକୁ ଠିକାସଂସ୍ଥା ଚିଠି ଲେଖିବା ସହ ସକାଳେ ଓ ସନ୍ଧ୍ୟାରେ ସଫେଇ କାମ କରିବାକୁ ନେଇ ଚୁକ୍ତି ହୋଇ ନ ଥିବା ଦର୍ଶାଇଛି ବୋଲି ଜଣାପଡିଛି।

ସହରକୁ ଦୁଇ ଓଳି ସଫେଇ କରାଯିବା ପାଇଁ ପୌରପାଳିକା ପକ୍ଷରୁ ଗତ ୧୫ ତାରିଖରେ ଚିଠି ନଂ- ୪୨୧୩ରେ ଠିକା ସଂସ୍ଥାକୁ ଅବଗତ କରାଯାଇଥିଲା। ଏହି ଚିଠି ପାଇବା ପରେ ଗତ ୧୭ ତାରିଖରେ ଠିକା ସଂସ୍ଥା ନିଜ ଚିଠିରେ ଉଲ୍ଲେଖ କରିଛି ଯେ, ରବିବାର ବ୍ୟତୀତ ୧୩୧ ଜଣ ସଫେଇ କର୍ମଚାରୀ ଦୈନିକ ୮ ଘଣ୍ଟା କାର୍ଯ୍ୟ କରିବେ। ପୌରପାଳିକାର ପ୍ରସ୍ତାବିତ ଡମ୍ପିଂୟାର୍ଡ଼ରେ ଗତ ଦୁଇ ମାସ ହେବ ଗ୍ରାମବାସୀ ବିରୋଧ କରୁଥିବାରୁ ସହର ଅଳିଆ ଉଠି ପାରୁନାହିଁ। ଏଥିସହ ରବିବାର ପୌରପାଳିକା ବନ୍ଦ ଥିବାରୁ ସଫେଇ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ସୋମବାର ଦୁଇ ଥର ସଫେଇ କାର୍ଯ୍ୟ କରାଯାଉଛି। ଏତେ ବଡ ସହରରେ ଦୁଇ ଥର ସଫେଇ ପାଇଁ ଆଉ ୪୦ ଜଣ କର୍ମଚାରୀ ନିୟୋଜିତ କରିବାକୁ ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥିସହ ପୌରପାଳିକା ଦୁଇ ଓଳି ସଫେଇ ନେଇ ଚୁକ୍ତିନାମା ହୋଇ ନ ଥିବା ଚିଠିରେ ଠିକାଦାର ଉଲ୍ଲେଖ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଆଲୋଚନା ପାଇଁ ଠିକା ସଂସ୍ଥାକୁ ଡକାଯାଇଛି। ଦୁଇ ଓଳି ଅଳିଆ ସଫେଇ କରା ନ ଗଲେ ଜିଲାପାଳଙ୍କୁ ଅବଗତ କରାଯିବ। ଏହାପରେ ସପ୍ତାହେ ସମୟ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।

# ଟାଙ୍ଗିଆରେ ହାଣି ହତ୍ୟା, ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ,୨୩ା୯**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମବାହାଳି ବଜାର ନିକଟରେ ବୁଧବାର ମଧାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ୩୫ ବର୍ଷୀୟ ଯୁବକଙ୍କୁ ମନୋଜ ରାଉତ(୨୫) ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ମନୋଜଙ୍କୁ ଗିରଫ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ନିମବାହାଳି ଠାରେ ମନୋଜ ଜଣେ ମହିଳାଙ୍କ ସହ ଏକ ଘରେ ରହୁଥିଲେ । ମନୋଜ ୭/୮ ଦିନ ପାଇଁ ଢେଙ୍କାନାଳ ଆସି ଫେରିବା ପରେ ମହିଳା ଜଣକ ସମ୍ପୃକ୍ତ ଯୁବକଙ୍କ ସହ ରହୁଥିବା ଜାଣିବାକୁ ପାଇଥିଲେ। ଉକ୍ତ ଯୁବକ ଓ ମନୋଜଙ୍କ ମଧରେ ପାଟିତୁଣ୍ଡ ହେବା ପରେ ଉତ୍ତ୍ୟକ୍ତ ହୋଇ ମନୋଜ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ମୋଟଙ୍ଗା ଥାନା ଅଧିକାରୀ ସରୋଜିନୀ ସାମ୍ଭଡା ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଗିରଫ କରିଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ମଧ ଜବତ କରିଥିଲେ। ମୃତ ଯୁବକଙ୍କର ଗୋଟିଏ ହାତରେ ରାଜୁ ଲେଖାଥିବା ଦେଖିବାକୁ ମିଳିଛି। ମନୋଜଙ୍କ ଘର କଳାହାଣ୍ଡି ଜିଲା ଜେନା ଖୋଲପଡା ଅଞ୍ଚଳରେ ବୋଲି ଥାନା ଅଧିକାରୀଙ୍କ ସୂଚନାରୁ ଜଣାପଡିଛି। ଉଭୟ ଯୁବକ ଜରି ଓ ପ୍ଲାଷ୍ଟିକ ଗୋଟାଇବା କାର୍ଯ୍ୟ କରନ୍ତି । ଏ ନେଇ ମୋଟଙ୍ଗା ଥାନାରେ ନଂ. ୨୦୪/୨୦ରେ ଏକ ମାମଲା ରୁଜୁ କରାଯାଇଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଖୁଚୁରା ସମ୍ପତ୍ତି କେନ୍ଦ୍ରୀୟ ପ୍ରକରଣ କେନ୍ଦ୍ର, ଭୁବନେଶ୍ୱର

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ: ୧) ତପନ କୁମାର ବିଶ୍ୱାସ, ୨) ତାପସ କୁମାର ବିଶ୍ୱାସ, ୩) ସ୍ୱପନ କୁମାର ବିଶ୍ୱାସ, ଠିକଣା-୧: କ୍ୱାର୍ଟର ନଂ.: ଟାଇପ୍-୩-୪୩, ଓଲ୍ଡ ଏଜି କଲୋନୀ, ୟୁନିଟ୍-୪, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୪, ଠିକଣା-୨: ପ୍ଲଟ୍ ନଂ.: ୯୫୫/୯୦, ଜାଗମରା, ପ୍ରମେୟ ଅଫିସ୍ ନିକଟ, ୟୁନିଟ୍-୨୦, ଭୁବନେଶ୍ୱର / ଆକାଉଣ୍ଟ ନଂ.: ଗୃହ ଋଣ ଆକାଉଣ୍ଟ ନଂ.: ୩୦୨୭୨୧୪୫୭୭୧, ଗୃହ ଋଣ ଟପ ଅପ୍- ୩୦୩୭୫୫୧୮୧୭୧ | ସମ୍ପତ୍ତିର ମାଲିକମାନେ: ତପନ କୁମାର ବିଶ୍ୱାସ, ତାପସ କୁମାର ବିଶ୍ୱାସ ଏବଂ ସ୍ୱପନ କୁମାର ବିଶ୍ୱାସ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୯୧, ପ୍ଲଟ୍ ନଂ.: ୯୫୫ (ଅଂଶ), କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଜାଗମରା, ୟୁନିଟ୍-୨୦, ଭୁବନେଶ୍ୱର | ୨୨.୦୭.୨୦୧୯ | ୧୮.୦୯.୨୦୨୦ | ୩୧.୦୮.୨୦୨୦ ସୁଦ୍ଧା ଟ.୨,୪୬,୭୯୬.୬୦ + ଟ.୩,୮୯,୨୬୦.୦୦ = **ଟ.୬,୩୬,୦୫୬.୬୦** + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ଋଣଗ୍ରହୀତାମାନେ: ୧) ସୁମନ୍ତ କୁମାର ବିଶ୍ୱାଳ, ୨) ଶୁଭଶ୍ରୀ ରାଉତରାଏ, ସ୍ୱାମୀ: ସୁମନ୍ତ କୁମାର ବିଶ୍ୱାଳ, ପ୍ଲଟ୍ ନଂ.: ୩୦୪, ଇନ୍ଦିରା କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨ / ଆକାଉଣ୍ଟ ନଂ.: ଗୃହ ଋଣ ଆକାଉଣ୍ଟ ନଂ.: ୩୦୦୮୭୬୩୪୦୧୩ | ସମ୍ପତ୍ତିର ମାଲିକ: ଶୁଭଶ୍ରୀ ରାଉତରାଏ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୨୮, ପ୍ଲଟ୍ ନଂ.: ୩୪୦ (ଅଂଶ), ସବ୍ ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୪ଡିସିମିଲି, ଇନ୍ଦିରା କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର | ୨୭.୧୨.୨୦୧୯ | ୨୨.୦୯.୨୦୨୦ | ୩୧.୦୮.୨୦୨୦ ସୁଦ୍ଧା **ଟ.୭,୦୩,୩୫୨.୫୪** + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ତାରିଖ: ୨୩.୦୯.୨୦୨୦, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ପୋଖରୀରୁ ମୃତଦେହ ଉଦ୍ଧାର

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ପୁରୁଣାକୋଟ ଥାନା କଟରଙ୍ଗ ଗ୍ରାମର ଏକ ପୋଖରୀରୁ କଟକ ଜିଲା ନରସିଂହପୁର ଅଞ୍ଚଳ ରେଗଡ଼ା ଗ୍ରାମର ଗୋଲଖ ବେହେରା(୫୫)ଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାରୁ ଜଣାପଡିଛି, ଗୋଲଖ ଅନୁଗୋଳରେ ଏକ ସାଇକେଲ ମରାମତି ଦୋକାନରେ କାମ କରନ୍ତି। ସେ ୩ ଦିନ ତଳେ ଦୋକାନକୁ ଆସି ଘରକୁ ଫେରି ନ ଥିଲେ। ମଙ୍ଗଳବାର ସ୍ଥାନୀୟ ପୋଖରୀରେ ଏକ ମୃତଦେହ ଭାସୁଥିବା ଖବରପାଇ ପୋଲିସ ତଦନ୍ତ କରିଥିଲା। ପରେ ଗୋଲଖଙ୍କ ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

**ସଂକ୍ଷେପରେ**

## ଦୀନେଶ ଅନୁଗୋଳ ଯୁବ ବିଜେଡି ସଭାପତି



**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ଜିଲା ବିଜେଡି ଯୁବ ସଭାପତି ଭାବେ ପୁଣି ଦୀନେଶ ପ୍ରଧାନ ମଙ୍ଗ ଧରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ଦଳର ରାଜ୍ୟ ଯୁବ ବ୍ୟପାର ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏଥିପାଇଁ ସେ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ମନ୍ତ୍ରୀ ପ୍ରତାପ ଜେନା, ଦଳ ମୁଖ୍ୟାଳୟ ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ଯୁବ ବ୍ୟପାର ସମ୍ପାଦକ ଅମରେଶ ପତ୍ରି, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପ୍ରମୁଖଙ୍କ ସମେତ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୧୭ ଜୁଲାଇରେ ଦୀନେଶ ପ୍ରଥମ କରି ଯୁବ ବିଜେଡି ସଭାପତି ଭାବେ ଅନୁଗୋଳ ଜିଲାର ଦାୟିତ୍ୱ ନେଇଥିଲେ।

## ଅନୁଗୋଳରୁ ୧୭୭ ପଜିଟିଭ୍

**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ଜିଲାରୁ ବୁଧବାର ୧୭୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୨୨୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଆଉ ୪ ଜଣଙ୍କୁ ମିଶାଇ ଅନ୍ୟ ଜିଲାରୁ ଆସି କରୋନାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୪ରେ ପହଞ୍ଚିଛି। ଅନୁଗୋଳରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ତାଳଚେର ବ୍ଲକରୁ ୫୯ ଜଣ, ଛେଣ୍ଡିପଦା ବ୍ଲକରୁ ୨୭, ବଣ୍ଟଁରପାଳ ବ୍ଲକରୁ ୨୬, କଣିହାଁରୁ ୨୪, ଅନୁଗୋଳ ପୌରାଞ୍ଚଳରୁ ୧୮, ଅନୁଗୋଳ ବ୍ଲକରୁ ୧୩, ପାଲଲହଡ଼ା ବ୍ଲକରୁ ୪, କିଶୋରନଗର ବ୍ଲକରୁ ୩ ଓ ଆଠମଲ୍ଲିକ ବ୍ଲକରୁ ୩ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ଲକ୍ଷଣ ବିହୀନଙ୍କୁ ଆଇସୋଲେଶନ୍‌ରେ ରଖାଯାଇ ନିରୀକ୍ଷଣ କରାଯାଉଥିବା ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଉ ୧୪୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ୧୮ ବ୍ୟବସାୟୀ ସଂକ୍ରମିତ

**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସହରର ସମସ୍ତ ବ୍ୟବସାୟୀଙ୍କ କରୋନା ପରୀକ୍ଷାକୁ ଗୁରୁତ୍ୱ ଦେଇ ସପ୍ତାହର ପ୍ରତ୍ୟେକ ବୁଧବାର ୧୫୦ ଜଣଙ୍କ ନମୁନା ସଂଗ୍ରହ କରାଯିବାର ବ୍ୟବସ୍ଥା କରିଛନ୍ତି। ବୁଧବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରୁ ସଞ୍ଜୀବନି ମାର୍କେଟ ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ମେଡିକାଲ ଛକରେ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ୫ ଜଣ ଫୁଟପାଥର ହୋଇଥିବାବେଳେ ୧୩ ଜଣ ବିଭିନ୍ନ ଦୋକାନର ମାଲିକ ଓ କର୍ମଚାରୀ ରହିଛନ୍ତି। ସମ୍ପୃକ୍ତ ଦୋକାନଗୁଡ଼ିକୁ ଜିଲା ପ୍ରଶାସନ ୭ ଦିନ ପର୍ଯ୍ୟନ୍ତ ସିଲ୍ କରିଛି। ଅନ୍ୟପକ୍ଷରେ ବଣ୍ଟଁରପାଳ ବ୍ଲକରୁ ୧୬୯ ଜଣ ବ୍ୟବସାୟୀଙ୍କ ସ୍ୱାବ ଟେଷ୍ଟ କରାଯାଇଥିବା ଜଣାପଡିଛି। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଆକ୍ରାନ୍ତ ବ୍ୟବସାୟୀଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯିବ ସେ ନେଇ ସ୍ଥିର ହୋଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶନାମା ଆସିବା ପରେ ପୌରପାଳିକା ପକ୍ଷରୁ କାର୍ଯ୍ୟପନ୍ଥା ଅବଲମ୍ବନ କରାଯିବ।

## ଲୋକଙ୍କୁ ମିଳିଲା ଆଇସୋଲେଶନ୍ କିଟ୍

ଅନୁଗୋଳ ଅଫିସ, ୨୩।୯: ଅନୁଗୋଳ ସହରରେ ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ଘରକୁ ପୌରପାଳିକା ପକ୍ଷରୁ ହୋମ୍ ଆଇସୋଲେଶନ୍ କିଟ ପଠାଯାଉଛି। ଗତ ଦୁଇ ଦିନ ମଧ୍ୟରେ ୪୦ ଜଣଙ୍କୁ ଏହି କିଟ୍ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଫଳରେ ଲକ୍ଷଣ ନ ଥିବା ସଂକ୍ରମିତମାନେ କିଟ୍‌ରେ ଥିବା ଔଷଧ ସହ ମାସ୍କ ଓ ସାନିଟାଇଜର ବ୍ୟବହାର କରିପାରିବେ। ସେହିପରି କିଟ୍‌ରେ ଥିବା ନିୟମାବଳୀ ମଧ୍ୟ ପଢ଼ି ଅବଗତ ହେବେ। କିଟ୍‌ରେ ମୋଟ ୬ ପ୍ରକାର ଔଷଧ ରହୁଥିବାବେଳେ ଗୋଟିଏ ଓଆରଏସ୍ ପ୍ୟାକେଟ, ଦୁଇଟି ମାସ୍କ ଓ ଗୋଟିଏ ସାନିଟାଇଜର ରହିଛି। ବିଭିନ୍ନ ୱାର୍ଡରେ ସଂକ୍ରମିତଙ୍କୁ ୱାର୍ଡ ଅଫିସରମାନେ କିଟ୍ ପ୍ରଦାନ କରିବା ସହ ନାଲି ରଙ୍ଗର ପୋଷ୍ଟର ମଧ୍ୟ ଘର ଆଗରେ ଲଗାଉଛନ୍ତି।

# ରୁପା ଛାଉଣି ପ୍ରକ୍ରିୟା ଆରମ୍ଭ

ପୁରୀ ଅଫିସ, ୨୩।୯

- ଶ୍ରୀମନ୍ଦିର ୩ କବାଟର ମାପ ନିଆଗଲା
- ମୁମ୍ବାଇରୁ ଆସିଥିଲେ ୪ ଜଣିଆ ପ୍ରତିନିଧି
- ମୋଟ ଖର୍ଚ୍ଚ ହେବ ପ୍ରାୟ ୨୦ କୋଟି ଟଙ୍କା

ଶ୍ରୀମନ୍ଦିରର ୩ଟି ପ୍ରମୁଖ କବାଟ ରୁପା ଛାଉଣି ହେବ। କଳାହାଟ ଦ୍ୱାର, ବେହେରଣ ଦ୍ୱାର ଏବଂ ଜୟବିଜୟ ଦ୍ୱାରରେ ଲାଗିଥିବା କବାଟଗୁଡ଼ିକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ରୁପା ଜଣେ ଦାତା ଦେବେ। ତେବେ ପୂର୍ବରୁ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ ବୁଧବାରଠାରୁ ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ୩ କବାଟର ମାପ ନେଇଛନ୍ତି ଦାତାଙ୍କ ପକ୍ଷରୁ ଆସିଥିବା ମୁମ୍ବାଇର ୪ ଜଣିଆ ପ୍ରତିନିଧି। ଶ୍ରୀମନ୍ଦିରର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧିଙ୍କ ନେତୃତ୍ୱରେ ପ୍ରତିନିଧିମାନେ ମାପଚୁପ କରିଛନ୍ତି। ଏମାନଙ୍କ ମଧ୍ୟରେ ରୁପା କାରିଗର ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜଣେ ବଦାନ୍ୟ ବ୍ୟକ୍ତି ଏଥିପାଇଁ ରୁପା ଦାନ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ଏହାକୁ ଆଧାର କରି ଶ୍ରୀମନ୍ଦିର ପ୍ରଶାସନ ୩ଟି କବାଟ ରୁପା ଛାଉଣି ଲାଗି ନିଷ୍ପତ୍ତି ନେଇଛି। ଏହି ତିନୋଟି ଯାକ ଦ୍ୱାର କବାଟ ମଧ୍ୟ ନଷ୍ଟ ଅବସ୍ଥାକୁ ଚାଲି ଆସିଲାଣି। ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ପ୍ରଥମେ ବର୍ମାଟିକ କାଠରେ ୩ଟି ଦ୍ୱାର ପାଇଁ ନୂଆ କବାଟ ତିଆରି କରାଯିବ। ଏହାପରେ ଏହି କବାଟଗୁଡ଼ିକରେ ୧.୬୩ ଇଞ୍ଚର ରୁପା ଛାଉଣି କରାଯିବାକୁ ପ୍ରାଥମିକ ଭାବେ ଆଲୋଚନା କରାଯାଇଛି। ୩ଟି କବାଟରେ ପ୍ରାୟ ୧,୯୨୦ କେଜି ରୁପା ଲାଗିବ। ଅର୍ଥାତ୍ ପ୍ରାୟ ୧୪ କୋଟି ଟଙ୍କାର ରୁପା ଲାଗିବ ବୋଲି ଆକଳନ କରାଯାଇଛି। ସେହିପରି କାରିଗରଙ୍କ ପାରିଶ୍ରମିକ ବାବଦରେ ପ୍ରାୟ ୧.୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବର୍ମାଟିକ୍ କାଠ ମଧ୍ୟ କିଣାଯିବ। ଏହି ୩ଟି କବାଟ ସମ୍ପୂର୍ଣ୍ଣ ହେବାରେ ପ୍ରାୟ ୧୮ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିରର ସଂସ୍କୃତି, ଐତିହ୍ୟ, ପରମ୍ପରା ହେଉଛି ବିଶ୍ୱରେ ଅନନ୍ୟ। ୩ଟି ଦ୍ୱାର ସହ ମହାପ୍ରଭୁଙ୍କ ନୀତିକାନ୍ତିର ବି ସମ୍ପର୍କ ରହିଛି। ତେଣୁ ଏ ସମସ୍ତ ଦିଗକୁ ନଜରରେ ରଖି ମରାମତି ଏବଂ ରୁପା ଛାଉଣି କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରୁପା ଛାଉଣି ପାଇଁ ଦାତାଙ୍କ ପକ୍ଷରୁ ଆସିଥିବା ପ୍ରତିନିଧିମାନେ ୩ଟି କବାଟର ମାପ ନେଇଛନ୍ତି।



ମାପଚୁପ ପ୍ରକ୍ରିୟା ସାରି ପ୍ରତିନିଧି ଦଳ ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଅକ୍ଟୋବର ୯ରେ ଜମି ଅଧିଗ୍ରହଣ ଜନଶୁଣାଣି

ପୁରୀ ଅଫିସ, ୨୩।୯

**ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଉନ୍ନତୀକରଣ କରାଯିବ। ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡ଼ିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ୍ ଏକ ଚିଠା ସାମାଜିକ ପ୍ରଭାବ ବିବରଣୀ ପ୍ରସ୍ତୁତ କରିଛନ୍ତି। ସୁରକ୍ଷା ବଳୟ ମଧ୍ୟରେ ଥିବା ବାସେଳିସାହି ମୌଜା ୱାର୍ଡ ନଂ.୩ର ଜମି ଅଧିଗ୍ରହଣ ଲାଗି ଜନଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୯ ତାରିଖ ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତନିବାସ ପରିସରରେ ଏହି ଜନଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀ ଏଥିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତ୍‌ଜନିତ ସାମାଜିକ ପ୍ରଭାବ ବିବରଣୀ ଉପରେ ନିଜ ମତାମତ ଉପସ୍ଥାପନ କରିପାରିବେ। ବୁଧବାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଶାସନ ଜନଶୁଣାଣିର ବିଜ୍ଞପ୍ତି ଲଗାଇଛି। ଧାର୍ଯ୍ୟ ତାରିଖ ଓ ସମୟରେ ଜନଶୁଣାଣିରେ ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀ ଉପସ୍ଥିତ ରହି ସେମାନଙ୍କ ମତ ପ୍ରଦାନ କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟ ଉନ୍ନତୀକରଣ ପାଇଁ ମୋଟ ୧୫.୧୯୧ ଏକର ଜମି ଅଧିଗ୍ରହଣ କରାଯିବାକୁ ସ୍ଥିର ହୋଇଛି, ଯେଉଁଥିରେ ୧୨.୫୪୪୫ ଏକର ଘରୋଇ ଏବଂ ୨.୬୪୬୫ ଏକର ସରକାରୀ ଜମି ରହିଛି। ଏଥିମଧ୍ୟରେ ପୁରୀ ତହସିଲ ଅଧୀନ ୫ଟି ମୌଜା ବାସେଳିସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡ ସାହି ଓ ବୃଡ଼ଙ୍ଗ ସାହିର ଜମି ରହିଛି। ଏଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜମି ଆସିସାରିଥିବାବେଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି।

**ଫଟୋରେ ଖବର**



ଅନୁଗୋଳ ପିଟିସିଠାରେ ବୁଧବାର ବାୟୁସେନାର ନିଯୁକ୍ତି ରାଲିରେ ଆବେଦନକାରୀଙ୍କ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଉଛି।

## କଣ୍ଟେନ୍‌ମେଣ୍ଟ ଜୋନ୍ ଅନୁଧ୍ୟାନ କଲେ ଉପଜିଲାପାଳ

ଜୁନାଗଡ,୨୩।୯(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗଡ଼ା ଓ ବଳଦିଆମାଲ ଗ୍ରାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆସନ୍ତା ସେପ୍ଟେମ୍ବର ୨୫ ତାରିଖ ମଧ୍ୟରାତ୍ରି ଯାଏ ଉକ୍ତ ୨ଟି ଗାଁକୁ କଳାହାଣ୍ଡି ଜିଲାପାଳ ଡା.ଗାଭାଲି ପରାଗ ହର୍ଷଦ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ତେବେ କଣ୍ଟେନମେଣ୍ଟ ଜୋନ୍‌କୁ ସ୍ଥାନୀୟ ଲୋକେ କିପରି ପାଳନ କରୁଛନ୍ତି ତାହାକୁ ଅନୁଧ୍ୟାନ କରିବା ପାଇଁ ବୁଧବାର ଧର୍ମଗଡ଼ ଉପଜିଲାପାଳ ଟିଏସ୍ ଦିବାକର ଅଚାନକ ଚିଟୈଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସେ ବିଭିନ୍ନ ସ୍ଥାନକୁ ପରଦର୍ଶନ କରିବା ସହ ଲୋକଙ୍କୁ କୋଭିଡ୍ ନିୟମ ମାନି ଘରେ ରହିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଉପଜିଲାପାଳଙ୍କ ସହ ଜୁନାଗଡ଼ ତହସିଲଦାର ଉପେନ୍ଦ୍ର ଲୁହା, ଚିଟୈଗୁଡା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ କୁମାର ମେହେର, ପରମେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କଫ୍ ସିରପ ଜବତ, ୨ ଗିରଫ

କଣିହାଁ, ୨୩।୯(ଡି.ଏନ.ଏ.)

କଣିହାଁ ବ୍ଲକରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଚଢ଼ାଉ କରି କଣିହାଁ କଲେଜ ପାଖ ରାସ୍ତାରେ ଏକ କାର(ନଂ. ଓଡି ୦୨ ସି ୫୪୪୪)ରୁ ୩୨୦ ବୋତଲ କଫ୍ ସିରପ ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ସମଲ ଥାନା ବିଲିଣ୍ଡା ଗ୍ରାମର ଜିତେନ୍ଦ୍ର କୁମାର ସାହୁ ଏବଂ କାର୍ ମାଲିକ ଏନ୍‌ଟିପିସି ଥାନା ଟୋଲକବେଡା ଗ୍ରାମର ବିଚ୍ଛନ୍ଦ ଚରଣ ସାହୁଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି। ଜିତେନ୍ଦ୍ରଙ୍କଠାରୁ ୬୮ ବୋତଲ କଫ୍ ସିରପ ସହ ଏକ ବାଇକ୍ ଏବଂ ୫୦ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ କଣିହାଁ ଥାନାରେ ନଂ. ୧୯୩/୨୦ରେ ମାମଲା ରୁଜୁ ହୋଇଛି। ସେହିପରି ବିଚ୍ଛନ୍ଦଙ୍କ ନାମରେ ସମଲ ଥାନାରେ ନଂ. ୧୮୪/୨୦ରେ ଆଉ ଏକ ମାମଲା ରୁଜୁ କରାଯାଇଛି।



ଜବତ ହୋଇଥିବା କଫ ସିରପ ଏବଂ ଗିରଫ ଅଭିଯୁକ୍ତ।

## ମାର୍କେଟ୍ ୟାର୍ଡ ଭିତ୍ତିଭୂମିର ବିକାଶ ଦାବି

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନ ରେଶମ ମାର୍କେଟ୍ ୟାର୍ଡ ଭିତ୍ତିଭୂମି ବିକାଶ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ଏକ ଚାଷୀ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ରେଶମ ମାର୍କେଟ୍ ୟାର୍ଡର ଗୋଦାମ ଗୃହ, ପାଚେରୀ ଆଦି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ଏଥିପାଇଁ ପ୍ରତିବର୍ଷ ଧାନ କିଣାବିକା ସମୟରେ ଉକ୍ତ ମାର୍କେଟ୍ ୟାର୍ଡରେ ଚାଷୀମାନଙ୍କୁ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଫଳରେ ଉକ୍ତ ମାର୍କେଟ୍ ୟାର୍ଡର ଭିତ୍ତିଭୂମିର ବିକାଶ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ଚାଷୀ ପ୍ରତିନିଧିଭାବେ ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୮୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୨୩।୯(ସ୍ୱ.ପ୍ର.)

ଗଞ୍ଜେଇ ଚୋରାଚାଲାଣ ନେଇ ଅଭିଯୋଗ ହେବାପରେ ବୌଦ୍ଧ ଥାନା ପକ୍ଷରୁ ମଙ୍ଗଳବାର ରାତିରେ ପାଟିଳପଡା ଗ୍ରାମରେ ଚଢାଉ କରାଯାଇ ଦୁଇ ଯୁବକଙ୍କୁ ଗିରଫ କରାଯାଇଛି। ଏଥିସହିତ ୮୮ କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ୨ ଯୁବକ ହେଲେ ଗ୍ରାମର କଇରା ମାଝି(୩୦) ଓ ପଞ୍ଚାନନ ନାୟକ (୪୦)। ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇ ଥିବା ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର କହିଛନ୍ତି।

## ଜଳ କଷ୍ଟ ଭୋଗୁଛନ୍ତି ତୁନାପାରି ଗ୍ରାମବାସୀ

ଭବାନୀପାଟଣା,୨୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତରେ ରହିଛି ତୁନାପାରି ଗାଁ। ଏହି ଗାଁରେ ୧୧୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଏମାନଙ୍କ ପାଇଁ ଗାଁରେ ଅଛି ୩ଟି ନଳକୂପ। ତନ୍ମଧ୍ୟରୁ ଦୁଇଟି ବର୍ଷତମାମ ଅଚଳ ହୋଇ ପଡିରହିଛି। ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ କେବଳ ଗୋଟିଏ ମାତ୍ର ନଳକୂପ ବ୍ୟବହାର ଉପଯୋଗୀ। ଏଥିରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ନିର୍ଭର କରିଥାନ୍ତି। ଫଳରେ ପାଣି ଟୋପାଏ ପାଇଁ ଗ୍ରାମବାସୀ ହଟହଟା ହେଉଛନ୍ତି। ଏପରି କି ବାଧ ହୋଇ ଗାଁ ନିକଟ ଏକ ଚାଷଜମିର ଦୂଷିତ ଝର ପାଣି ଉପରେ ଗ୍ରାମବାସୀ ଭରସା କରିଛନ୍ତି। ଏଭଳି ଦୂଷିତ ପାଣି ବ୍ୟବହାର ଯୋଗୁ ଅନେକ ସମୟରେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ପ୍ରଶାସନକୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ତାହା ସମାଧାନ ହୋଇପାରିନାହିଁ। ଏ ସମ୍ପର୍କରେ ସରପଞ୍ଚ ପଦ୍ମାବତୀ ମାଝୀ କହିଛନ୍ତି, ଏଭଳି କିଛି ଅଭିଯୋଗ ମୋତେ କେହି କରିନାହାନ୍ତି। ତଥାପି ଯଦି କିଛି ଅସୁବିଧା ଥାଏ ତାର ଶୀଘ୍ର ସମାଧାନ କରାଯିବ।

## ସିଆର୍‌ପିଏଫ୍ ଶିବିରରେ ଡିଆଇଜି

ଭବାନୀପାଟଣା,୨୩।୯(ଡି.ଏନ୍.ଏ.)

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ୍ ଅହମ୍ମଦ ମଙ୍ଗଳବାର କଳାହାଣ୍ଡି ଜିଲାର ସିକେରକୁପା, ଉର୍ଲାଦାନୀ ଏବଂ ମଦନପୁର ରାମପୁରରେ ଥିବା ୬୪ କୋବ୍ରା ସିଆର୍‌ପିଏଫ୍ ବାଟାଲିୟନ୍ ଶିବିର ପରିଦର୍ଶନ କରିଥିଲେ। ସେଠାରେ ଅଧିକାରୀ ଏବଂ ବିଭିନ୍ନ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ମାଓବାଦୀ ବିରୋଧୀ କାର୍ଯ୍ୟରେ ଥିବା ସମସ୍ୟା ଏବଂ ରଣନୀତି ଉପରେ ଆଲୋଚନା କରିଥିଲେ। ଆଲୋଚନା ପରେ ଡିଆଇଜି ସମ୍ପୂର୍ଣ୍ଣ ସନ୍ତୋଷ ବ୍ୟକ୍ତ କରିଥିଲେ। ସଫଳତା ପାଇଁ ସିଆର୍‌ପିଏଫ୍ ଅଧିକାରୀ ଏବଂ ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରିଦର୍ଶନ ବେଳେ ଡିଆଇଜିଙ୍କ ସହିତ କଳାହାଣ୍ଡି ଏସ୍‌ପି ବାତ୍ତୁଲା ଗଙ୍ଗାଧର, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ବିପ୍ଳବ ସରକାର ପ୍ରମୁଖ ଉପସ୍ଥିତ ଥିଲେ।



ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ୍ ଅହମ୍ମଦ ଯବାନମାନଙ୍କ ସହ ଆଲୋଚନା କରୁଛନ୍ତି।

## କେନ୍ଦୁପତ୍ର ଉପରେ ଜିଏସ୍‌ଟି ପ୍ରତ୍ୟାହାର ଦାବି

**ସମ୍ବଲପୁର,୨୩।୯(ବ୍ୟୁରୋ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଡାକରାରେ ସମ୍ବଲପୁର ଶାଖା ପକ୍ଷରୁ ୧୨ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ ଉମାକାନ୍ତ ରାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କେନ୍ଦୁପତ୍ର ଓ ବିଡି ଉପରେ ଲଗାଯାଇଥିବା ଜିଏସଟି ପ୍ରତ୍ୟାହାର ପାଇଁ ନିବେଦନ କରାଯାଇଛି। କେନ୍ଦୁପତ୍ରରେ ଜିଏସ୍‌ଟି ଲାଗିବା ଦ୍ୱାରା ସିଧାସଳଖ ଭାବେ ବିଡି ଶ୍ରମିକମାନେ ପ୍ରଭାବିତ ହେଉଛନ୍ତି ବୋଲି ଦର୍ଶାଯାଇଛି। ସେହିପରି ଶ୍ରମ ଆଇନରେ ପରିବର୍ତ୍ତନ କରାଯାଇ ଦୈନିକ ୮ ଘଣ୍ଟା କାମ ଦିଆଯିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରବାସୀ ଶ୍ରମିକଙ୍କୁ ଅତିକମରେ ୬ ମାସ କାମ ଦେବା, ପ୍ରବାସୀ ଶ୍ରମିକଙ୍କୁ ପିଡିଏସ ସାମଗ୍ରୀ ପ୍ରଦାନ ଓ ବିଦ୍ୟୁତ୍ ବିଭାଗକୁ ଘରୋଇ କରଣ ନ କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗୋକୁଲ ମେହେର, ଏନ. ଗୋପାଳ ପାତ୍ର, ମହେଶ୍ୱର ଷଣ୍ଢ, ବବିତା ବଡପଣ୍ଡା ଓ ରୁଦ୍ରାଣୀ ନାଥ ବିକ୍ଷୋଭର ନେତୃତ୍ୱ ନେଇଥିଲେ।




ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପିଲାଛୁଆ ଧରି ଗ୍ରାମବାସୀଙ୍କ ବିକ୍ଷୋଭ

ବରଗଡ଼ ଅଫିସ୍,୨୩।୯

**କଂକ୍ରିଟ ରାସ୍ତା ଖୋଳି ଘର ନିର୍ମାଣ ଘଟଣାର ପ୍ରତିବାଦ**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଝରାପାଲି ହଲଧରଟିକ୍ରାର କଂକ୍ରିଟ ରାସ୍ତା ଖୋଳି ଜଣେ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ଗ୍ରାମବାସୀ ପିଲାଛୁଆ ଧରି ଭେଡ଼େନତହସିଲ ଅଫିସ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥି ସହିତ ବିଡ଼ିଓ ମୁରଲୀଧର ନାୟକଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନା ଅନୁଯାୟୀ, ହଲଧରଟିକ୍ରାରେ ରହିଥିବା କଂକ୍ରିଟ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରି ଆସୁଛନ୍ତି। ତେବେ ଗ୍ରାମର ଜଣେ ସେହି ରାସ୍ତାର କଂକ୍ରିଟ ଖୋଳି ସେଠାରେ ଘର ନିର୍ମାଣ କରୁଛନ୍ତି। ଗତ ୨୦୧୯ରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ସେଭଳି ଘର ନିର୍ମାଣ ଆରମ୍ଭ କରିଥିଲେ। ସେତେବେଳେ ଜମି ଚିହ୍ନଟ ହୋଇଥିଲା ଏବଂ ତାହା ରାସ୍ତା ଜମି ବୋଲି ଜଣାପଡ଼ିଥିଲା। ଏହାପରେ କିଛିମାସ ଧରି ସମ୍ପୃକ୍ତ ବ୍ୟକ୍ତି ଘର ନିର୍ମାଣ କାମ ବନ୍ଦ କରି ଦେଇଥିଲେ ଏବଂ ପୁଣି ଏବେ ସେଠାରେ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏସମ୍ପର୍କରେ ବିଭାଗୀୟ ରାଜସ୍ୱ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନାହିଁ। ଅନ୍ୟପଟେ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟରେ କିଛି ନିର୍ଦ୍ଦିଷ୍ଟ ରାଜସ୍ୱ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମନାଥ ଭୋଇ, ଗୋବିନ୍ଦ ବେହେରା, ସାର୍ତ୍ତିକ ଖୁଣ୍ଟଲା, ଶୁକ୍ରୁ ଭୁଏ, ପୀତବାସ ଖୁଣ୍ଟଲା ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ପିଲାଛୁଆ ଧରି ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ଧାରଣାରେ ବସିଥିଲେ।



ଭେଡ଼େନ ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଗ୍ରାମବାସୀ।

